# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 603 CUTTACK, MONDAY, APRIL 12, 2021/CHAITRA 22, 1943**


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର

ଘୋଷଣା

ତାରିଖ 5 ଅପ୍ରେଲ 2021

ସଂଖ୍ୟା 135-I(a)-33/2021—ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ମନାପାଲି, ଥାନା ଗଡପୋଷ, ତହସିଲ ବାମରା, ଜିଲ୍ଲା ସମ୍ବଲପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ମନାପାଲି ଗୋଷ୍ଠୀ ଚିକିତ୍ସାଳୟ ସ୍ଥାପନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୦୧, ତା ୧ ଜାନୁଆରୀ ୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ମନାପାଲି, ଥାନା ଗଡପୋଷ, ତହସିଲ ବାମରା, ଜିଲ୍ଲା ସମ୍ବଲପୁରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ Sambalpur.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି ।

**ତଫସିଲ–'କ'**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ସମ୍ବଲପୁର, ତହସିଲ ବାମରା, ଥାନା ଗୋବିନ୍ଦପୁର, ମୌଜା ମନାପାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| | | | | | ଏକର | ଏକର | |
| ମନାପାଲି | ଗ୍ରାମାଞ୍ଚଳ | ୯୭ | ୬୧୪ | ମାଳ ସାଧାରଣ | ୦.୭୫ | ୦.୭୫ | ଶାନ୍ତି ପ୍ରକାଶ ମୁଣ୍ଡା, ପ୍ରୀତାମ ମୁଣ୍ଡା, ସୁଲେମା ମୁଣ୍ଡା, ପି. ମଙ୍ଗଳା ମୁଣ୍ଡା, ପୋଲ ମୁଣ୍ଡା, ପି. ୟୁସିପ ମୁଣ୍ଡା, ଜା. ମୁଣ୍ଡା, ବା. ନିଜଗାଁ । |
| | | | ୬୧୩(ଋ) | ଗୋଡା–୨ | ୧.୫୦ | ୦.୮୦ | |
| | | | ୬୧୨ | ଘରବାରୀ | ୦.୦୪ | ୦.୦୪ | |
| | | | ୬୦୮(ଋ) | ମାଳ ସାଧାରଣ | ୩.୪୬ | ୦.୧୦ | |
| ମନାପାଲି | ଗ୍ରାମାଞ୍ଚଳ | ୫୮ | ୬୧୦(ଋ) | ଗୋଡା–୨ | ୦.୯୫ | ୦.୫୮ | ଭାନୁମତୀ ଚମାର, ସ୍ୱା. ଧନୁର୍ଜୟ ଚମାର, ଜା. ଚମାର, ବା. ନିଜଗାଁ । |
| | | | ୬୧୧ | ଗୋଡା–୨ | ୦.୦୬ | ୦.୦୬ | |
| | | | | ମୋଟ . . | ୬.୭୬ | ୨.୩୩ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଶୁଭମ୍**

ଜିଲ୍ଲାପାଳ, ସମ୍ବଲପୁର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 56–173+9